# Akashvani, Sambalpur

# SAMBALPURI NEWS MORNING BULLETIN

## 24 February 2026 - 6.47- 6.52 am.

---

ଜାତୀୟ ପତାକା-ନିର୍ଦ୍ଦେଶ୍‌ନାମା ଆଇ.ଆଣ୍ଡ୍.ପି.ଆର୍

ଜାତୀୟ ପତାକାର୍ ବେଭାର୍ ଆଉ ସମ୍ମାନ୍ ପ୍ରଦର୍ଶନ୍ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତର୍‌ଫୁ ଗଲାକାଏଲ୍ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ଜାତୀୟ ସମ୍ମାନ୍‌ର ଅପମାନ୍ ନିବାରଣ ଆଇନ୍ ୧୯୭୧ ଆଉ ଭାରତୀୟ ଜାତୀୟ ପତାକା ସଂହିତା ୨୦୦୨ ଥି ଜାତୀୟ ପତାକାର୍ ବେଭାର୍ ଉତୋଲନ୍ ଆଉ ପ୍ରଦର୍ଶନ୍‌କେ ନିୟନ୍ତ୍ରଣ୍ କରାଯାଇଛେ । ସଂଶୋଧିତ୍ ଆଇନ୍ ଅନ୍‌ସାରେ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସାଂସ୍କୃତିକ୍ ଆଉ କ୍ରୀଡ଼ା କାର୍ଯ୍ୟକ୍ରମ୍ ଅବ୍‌ସରେ ଜନସାଧାରଣ କାଗଜ୍‌ଥି ତିଆର୍ ଜାତୀୟ ପତାକା ଉଡ଼େଇପାର୍‌ବେ । କାର୍ଯ୍ୟକ୍ରମ୍ ଉତ୍‌ରୁ ଇ କାଗଜ୍ ପତାକାକେ କେନ୍‌ସି ଜାଗାନୁ ଫିଙ୍ଗାଯାଇନାଇଁପାରେ । ବେଭାର୍‌କାରୀ

ମର୍ଯ୍ୟାଦାର୍ ସହେତେ ବ୍ୟକ୍ତିଗତ ଭାବେ ଇତାକେ ନଷ୍ଟ କର୍‌ବେ ବଲି ନିର୍ଦ୍ଦେଶ୍‌ନାମାଥି କୁହାଯାଇଛେ ।

ରାଜସ୍ୱ ମନ୍ତ୍ରୀ -ଧାନ୍ ଘିନା ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ସର୍‌କାର୍ ଅନ୍ନଦାତାମାନ୍‌କର୍ ସମ୍ମାନ୍ ଆଉ ମର୍ଯ୍ୟାଦା ରକ୍ଷା ଲାଗି ସଂକଳ୍ପବଦ୍ଧ ଆନ୍ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ରାଏଜେ ଧାନ୍ ଘିନା ପ୍ରକ୍ରିୟା ଶୃଙ୍ଖଳିତ, ବ୍ୟବସ୍ଥିତ୍ ଆଉ ଫଟିକ୍ ଭାବେ ଚାଲିଛେ । ଚଲ୍‌ତି ଖରିଫ୍ ଋତୁଥି ଏବ୍‌ତକ୍ ୬୩ ଲାଖ୍ ୪୬ ହଜାର୍ ମେଟ୍ରିକ୍ ଟନ୍ ଧାନ୍ ଘିନା ସରିଛେ । ଇଥି ୧୪ ଲାଖ୍ ୪୩ ହଜାର୍‌ନୁ ଅଏତ୍‌କା ଚାଷୀ ଉପକୃତ୍ ହେଇଛନ୍ । ଧାନ୍‌ଘିନା ପ୍ରକ୍ରିୟା ମାର୍ଚ୍ଚ ୩୧ ତାରିଖ୍‌ତକ୍ ଚାଲ୍‌ବା । ୨୦୨୪-୨୫ ଖରିଫ୍ ଋତୁଥି ୯୨ ଲାଖ୍ ୬୪ ହଜାର୍ ମେଟ୍ରିକ୍ ଟନ୍‌ନୁ ଅଏତ୍‌କା ଧାନ୍ ଘିନାଯାଇକରି ଐତିହାସିକ୍ ସଫଳତା ମିଳିଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ଏମ୍‌ଏସ୍‌ପି ସହେତେ ସମୃଦ୍ଧ କୃଷକ୍ ଯୋଜ୍‌ନା ଅଧୀନ୍‌ଥି ଚାଷୀମାନ୍‌କୁ ଅତିରିକ୍ତ ସାହାଜ୍

ସହେତେ କ୍ୱିଂଟାଲ୍ ପିଛା ୩୧ ଶହ ଟଙ୍କା ଲେଖା ଦିଆଯାଉଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ - ଏଆଇ ପି.ଆଇ.ବି.

କୃତ୍ରିମ ବୁଦ୍ଧିମତା ଶିକ୍ଷା ସହେତେ ଜୀବନ୍‌ର ସବୁ କ୍ଷେତ୍ରଥି ପରିବର୍ତନ୍ ଆନୁଛେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ନୂଆଦିଲ୍ଲୀ ନ କୃତ୍ରିମ ବୁଦ୍ଧିମତା - ଏଆଇ ଚାଲିତ୍ ଟିଚର୍ ଆପ୍- ଟୁ ପଏଂଟ୍ ଜିରୋ ନ ଶୁଭାରମ୍ଭ କରିକରି ଶ୍ରୀ ପ୍ରଧାନ୍ କହିଛନ୍, ଇ ପଦକ୍ଷେପ୍ ଦେଶେ ଚାଲିଥିବା ଏଆଇ ବିପ୍ଲବ୍‌କେ ନୂଆଁ ଗତି ଦେବା । ଠିକ୍ ଭାବେ ଇତାର୍ ବେଭାର୍ କଲେ କୃତ୍ରିମ ବୁଦ୍ଧିମତା ଶିକ୍ଷାଥି ବୈପ୍ଲବିକ୍ ପରିବର୍ତନ୍ ଆନ୍‌ବା । ଜାତୀୟ ଶିକ୍ଷାନୀତି-୨୦୨୦ ଥି କୃତ୍ରିମ ବୁଦ୍ଧିମତା ବାଗିର୍ ପ୍ରଯୁକ୍ତିବିଦ୍ୟାର୍ ସମ୍ଭାବନା ଦିଗେ ଜୋର୍ ଦିଆଯାଇଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ବିଧାନ୍‌ସଭା-ପ୍ରଧାନ୍‌ମନ୍ତ୍ରୀ ଇ-ବସ୍ ସେବା ଆଇ.ଆଣ୍ଡ୍.ପି.ଆର୍

ରାଏଜେ ବସ୍ ସେବାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ଇ-ବସ୍ ସେବା ଯୋଜ୍‌ନାଥି ଆହୁରି ୪ ଶହ ଟା ବସ୍

ଚଲାଚଲ୍ କର୍‌ବାର୍‌କେ ସର୍‌କାର୍ ଯୋଜ୍‌ନା କରୁଛନ୍ ବଲି ଗୃହ ଆଉ ନଗର ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ଗଲାକାଏଲ୍ ବିଧାନ୍‌ସଭା ନ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍, ୨୦୨୬-୨୭ ବଜେଟ୍‌ଥି ସହରାଂଚଲ୍ ପରିବହନ୍ ଲାଗି ୪ ଶହ ୨୧ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ । ଖୋବ୍‌ଜଲ୍‌ଦି ରାଜ୍ୟ ସର୍‌କାର୍ ୬ ଶହ ଟା ଇ-ବସ୍ ଘିନ୍‌ବାର୍ ଲକ୍ଷ୍ୟ ରଖିଛନ୍ । ଇତାର୍‌ଜରିଏ ରାଏଜେ ଆମ ବସ୍ ସେବା ବର୍‌କସ୍ ହେବାର୍ ସହେତେ ସହରାଂଚଲ ନ ଆହୁରି ଅଏତ୍‌କା ଲୁକ୍‌କୁ ବସ୍ ସେବା ମିଲିପାର୍‌ବା ବଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ ।

ଲକ୍ଷ୍ମୀକାନ୍ତ ମହାପାତ୍ର ଶ୍ରାଦ୍ଧଦିବସ୍ ଆଇ.ଆଣ୍ଡ୍.ପି.ଆର୍

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର୍ ଶ୍ରାଦ୍ଧଦିବସ୍ ଅବ୍‌ସରେ ରାଜ୍ୟବାସୀ ଆଏଜ୍ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନଉଛନ୍ । ଇ ଅବ୍‌ସରେ ଓଡ଼ିଶା ବିଧାନ୍‌ସଭା ପରିସର୍ ନ ଥିବା କାନ୍ତକବିଙ୍କର୍ ପ୍ରତିମୂର୍ତିଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଫୁଲ୍‌ମାଲ୍ ଚଢ଼େଇକରି ଶ୍ରଦ୍ଧାଞ୍ଜଳି ଜନାବେ । ଦିନର୍ ୧୦ ବଜେ ହେବାର୍‌କେ ଥିବା

କାର୍ଯ୍ୟକ୍ରମ୍‌ରେ ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଭିନ୍ ଭିନ୍ ମନ୍ତ୍ରୀ ଆଉ ବିଧାୟକ୍‌ମାନେ ଉପସ୍ଥିତ୍ ରହେବାର୍ କାର୍ଯ୍ୟସୂଚୀ ରହିଛେ ।

ଟେରାକୋଟା କୃତି ପ୍ରତିଯୋଗିତା        ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ କଳାଭୂମି ଠାନେ ରାଜ୍ୟ ହସ୍ତତନ୍ତ ଆଉ ବୟନଶିଳ୍ପ ବିଭାଗ୍ ତର୍‌ଫୁ ଟେରାକୋଟା କୃତି ପ୍ରତିଯୋଗିତା ଆୟୋଜନ୍ କରାଯାଉଛେ । ବିଭାଗୀୟ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପ୍ରତିଯୋଗିତାର୍ ଶୁଭାରମ୍ଭ କର୍‌ବେ । ପ୍ରତିଯୋଗିତାରେ ହଜାରେ ଝନ୍ ଟେରାକୋଟା ହସ୍ତଶିଳ୍ପୀ ଭାଗ୍ ନେବେ ।

ଶକ୍ତିମୟୀ ଶିବିର        ଆର୍‌ଏନ୍‌ୟୁ/ ସମ୍ବଲପୁର

ମହିଳା ସଶକ୍ତିକରଣ୍ ଲାଗି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ରାଜ୍ୟସ୍ତରୀୟ ଶକ୍ତିମୟୀ ଶିବିର୍‌ର ଆୟୋଜନ୍ କରାଯିବା । ରମାଦେବୀ ବିଶ୍ୱବିଦ୍ୟାଳୟ ତର୍‌ଫୁ ହେବାର୍‌କେ ଥିବା ଇ ଶିବିର୍ ଲାଗି ବିଭାଗ୍ ତର୍‌ଫୁ ୪ ଲାଖ୍ ୨୫ ହଜାର୍ ଟଙ୍କା ଅନୁମୋଦନ୍ କରାଯାଇଛେ । ୩

ଦିନିଆ ଶିବିର୍‌ଥି ୮ ଟା ବିଷୟ ଉପ୍‌ରେ ଶିକ୍ଷଣ ଅଧିବେଶନ୍‌ର ଆୟୋଜନ୍ କରାଯିବା ।

ମେଟ୍ରିକ୍ ଖାତାଦେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ମେଟ୍ରିକ୍ ପରୀକ୍ଷାର୍ ଖାତାଦେଖା ମାର୍ଚ୍ଚ ୧୯ ତାରିଖ୍‌ନୁ ମୁଲ୍ ହେବା । ଖାତାଦେଖା ପ୍ରକ୍ରିୟା ଏପ୍ରିଲ୍ ୨ ତାରିଖ୍‌ତକ୍ ଚାଲ୍‌ବା ବଲି ପରିଷଦ୍ ତର୍‌ଫୁ ଧାରିଜ୍ କରାଯାଇଛେ । ମେଟ୍ରିକ୍ ସହେତେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ଆଉ ସଂସ୍କୃତ ମଧ୍ୟମା ଖାତାଦେଖାର୍ ଲାଗି ୩୦ ଟା ଜିଲ୍ଲା ନ ୫୦ ଟା ମୂଲ୍ୟାୟନ କେନ୍ଦ୍ର କରାଯାଇଛେ ।

ରେଲ୍ କର୍ମଚାରୀ ପୁରସ୍କୃତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କର୍ତବ୍ୟ ନିଷ୍ଠା ଲାଗି ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ୍ ତର୍‌ଫୁ ୨ ଝନ୍ ରେଲ୍ କର୍ମଚାରୀଙ୍କୁ ପୁରସ୍କୃତ୍ କରାଯାଇଛେ । ୨ କର୍ମଚାରୀ ହେଲେ ସର୍‌ଲା ସେକ୍ସନ୍‌ର ଟେକ୍ନିସିଆନ୍ ଦୟାନିଧି ବାଗ୍, ରେଙ୍ଗାଲି ସେକ୍ସନ୍‌ର ନିଳାମ୍ବର ନାଏକ୍ । ନିରାପତା, ସତର୍କତା ଆଉ

ସୁରକ୍ଷିତ୍ ଟ୍ରେନ୍ ଚଲାଚଲ୍ ଦିଗେ ଭଲ୍ ପ୍ରଦର୍ଶନ୍ ଲାଗି ଦୁହି ଝନ୍କୁ ମଣ୍ଡଳ ରେଳପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀ ପୁରସ୍କୃତ୍ କରିଛନ୍ ।

ଦକ୍ଷତା ବିକାଶ୍ କର୍ମଶାଳା-ସୃଜନ ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ୍ ନ ଗଲାକାଏଲ୍ ମହିଳା ବୁଣାକାର୍‌ମାନ୍‌କର୍ ଲାଗି ୪ ଦିନିଆ ଦକ୍ଷତା ବିକାଶ୍ କର୍ମଶାଳା-ସୃଜନ ଉଦ୍‌ଘାଟିତ୍ ହେଇଯାଇଛେ । ମହିଳା ବୁଣାକାର୍‌ମାନ୍‌କର୍ ଭିତ୍‌ରେ ଆତ୍ମବିଶ୍ୱାସ୍, କୌଶଲ୍, ସୃଜନଶୀଳତା ଆଉ ଦକ୍ଷତା ବଢ଼ାବାର୍‌ଟା କାର୍ଯ୍ୟକ୍ରମ୍‌ର ଲକ୍ଷ୍ୟ ରହିଛେ । କେନ୍ଦ୍ର ବୟନଶିଳ୍ପ ମନ୍ତ୍ରଣାଳୟ, ମିଳିତ ଜାତିସଂଘର୍ ମହିଳା ସଶକ୍ତିକରଣ୍ ବିଭାଗ୍ ଆଉ ବର୍‌ଗଡ୍‌ର ଭାରତୀୟ ହସ୍ତତନ୍ତ ପ୍ରଦ୍ୟୋଗିକ ପ୍ରତିଷ୍ଠାନ୍ ତର୍‌ଫୁ ଇ ଶିବିର୍ ଆୟୋଜନ୍ କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ କ୍ଷେତ୍ର ଇହାଦେ ଫଟିକ୍ ଭାବେ ଜନାପଡୁଛେ । ଇଟା ପଶ୍ଚିମ-ଉତର୍ ପଶ୍ଚିମ୍ ଦିଗ୍‌କେ ଯାଇପାରେ । ଆଏଜ୍ ଇଟା ଦୁର୍ବଲ୍ ହେଇକରି

ଦକ୍ଷିଣ ପଶ୍ଚିମ ବଙ୍ଗୋପ୍ ସାଗର୍‌ର ଉତର୍-ପୂର୍ବ ଦିଗ୍‌କେ ମୁହେଁଇପାରେ । ଲଘୁଚାପ୍ ପ୍ରଭାବ୍‌ଥି ଗଲାକାଏଲ୍ ରାଜ୍ୟର୍ କେତେଟା ଜାଗା ନ ସାମାଏନ୍ ନୁ ମଧମ୍ ଧରଣ୍‌ର ବର୍ଷା ହେଇଛେ । ଆଏଜ୍ ରାଜ୍ୟର୍ ୧୮ ଟା ଜିଲ୍ଲା ନ ବର୍ଷା ହେଇପାରେ ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।